


## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଶିଶୁ ମୃତ

ଛେଣ୍ଡିପଦା,୯।୪(ସ୍ୱ.ପ୍ର.)- ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଖମାର ଗାଁରେ ଥିବା ମନ୍ଦିର ପୋଖରୀରେ ବୁଡ଼ି ମଙ୍ଗଳବାର ଜଣେ ଶିଶୁପୁତ୍ରର ମୃତ୍ୟୁ ହୋଇଛି। ମୃତ ଶିଶୁ ହେଲା ଖମାର ବରସାହିର ପ୍ରକାଶ ମହାପାତ୍ରଙ୍କ ପୁଅ ସତ୍ୟ ମହାପାତ୍ର (୬)। ପରିବାର ଲୋକଙ୍କ ଅଗୋଚରରେ ସତ୍ୟ ଗାଧୋଇବାକୁ ଯାଇଥିଲା ବେଳେ ଗୋଡ ଖସିଯିବାରୁ ପାଣିରେ ବୁଡିଯାଇଥିଲା। ନିକଟରେ ଗାଧୋଉଥିବା ଅନ୍ୟମାନେ ତାକୁ ଉଦ୍ଧାର କରି ବାଗଡିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦେଇଥିଲେ। ହେଲେ ସେଠାରେ ଡାକ୍ତର ଶିଶୁଟିକୁ ମୃତ ଘୋଷଣା କରିଥିଲେ। ଖବରପାଇ ଛେଣ୍ଡିପଦା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

### ଅଗ୍ନିବିପନ୍ନଙ୍କୁ ରିଲିଫ ବଣ୍ଟନ

ବଇଣ୍ଡା,୯।୪(ଡି.ଏନ.ଏ.)- କିଶୋରନଗର ବ୍ଲକ ବାମୁର ନିକଟସ୍ଥ ମାଣିକପୁର ଗ୍ରାମର ଅଗ୍ନିବିପନ୍ନ ଟିକି ନାଗ ଓ ଆରତ ନାଗଙ୍କ ପରିବାରକୁ ରିଲିଫ ବଣ୍ଟନ କରାଯାଇଛି। ସାମାଜିକ କର୍ମୀ ଅର୍ଜୁନ ସାହୁ ବିପନ୍ନଙ୍କୁ ଖାଦ୍ୟ ସାମଗ୍ରୀ ସହ ପିନ୍ଧା ବସ୍ତ୍ର ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାନ ଭଞ୍ଜନ ପ୍ରଧାନ ଉପସ୍ଥିତ ଥିଲେ।

### ଦୁର୍ଘଟଣାରେ ଗୁରୁତରଙ୍କ ମୃତ୍ୟୁ

ବନ୍ତିଲା,୯।୪(ଡି.ଏନ.ଏ.)- ବନ୍ତିଲା ଥାନା ବ୍ରହ୍ମପୁର ଗାଁ ମୁଣ୍ଡରେ ଗତ ଶନିବାର ବାଇକ୍ ଧକ୍କାରେ ନନ୍ଦପୁର ଗ୍ରାମର ରମେଶ ଚନ୍ଦ୍ର ସାହୁ(୪୫) ଗୁରୁତର ହୋଇଥିଲେ। ମଙ୍ଗଳବାର କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।
ଗ୍ରାମବାସୀଙ୍କ ସୂତ୍ରରୁ ପ୍ରକାଶ, ରମେଶ କରଡ଼ସିଙ୍ଗଠାରେ ଥିବା ତାଙ୍କ ବଗିଚାରୁ ଘରକୁ ବଳଦ ଧରି ଫେରୁଥିବା ବେଳେ ଏକ ବାଇକ୍ ଧକ୍କା ଦେଇଥିଲା। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା।

### ଭାଲୁ ଆକ୍ରମଣରେ ନାବାଳିକା ଗୁରୁତର

ବଇଣ୍ଡା,୯।୪(ଡି.ଏନ.ଏ.)
କିଶୋରନଗର ବ୍ଲକ ବାମୁର ରେଞ୍ଜ ସାନରୋହିଲାର ବନ୍ଦିନୀ ନାଏକ ମଙ୍ଗଳବାର ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ତାଙ୍କୁ ଉଦ୍ଧାର କରି କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ ଅନୁଗୋଳ ଓ ପରେ କଟକ ପଠାଇ ଦିଆଯାଇଛି। ବନ୍ଦିନୀ ଜଙ୍ଗଲକୁ ମହୁଲ ଫୁଲ ସଂଗ୍ରହ କରିବାକୁ ଯାଇଥିବାବେଳେ ଭାଲୁ ହାବୁଡ଼ରେ ପଡ଼ିଥିଲେ।

# ବୃଦ୍ଧାଙ୍କୁ କଚାଡ଼ି ମାରିଲା ହାତୀ

ଛେଣ୍ଡିପଦା,୯।୪(ସ୍ୱ.ପ୍ର.)/(ଡି.ଏନ.ଏ.)

ଅନୁଗୋଳ ଜିଲା ଛେଣ୍ଡିପଦା ବନାଞ୍ଚଳ ନିକଟସ୍ଥ ଏମ୍‌ସିଏଲ୍ କୋଇଲା ଖଣି ପାଖରେ ମଙ୍ଗଳବାର ହାତୀ ଆକ୍ରମଣରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ତାଙ୍କ ସାଙ୍ଗରେ ଥିବା ଅନ୍ୟ ଜଣେ ବୃଦ୍ଧା ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ଘଟଣାରୁ ଜଣାପଡିଛି ଯେ, ଛେଣ୍ଡିପଦା ତାଳବୁରୀ ସାହିର ପୁରୀ ପ୍ରଧାନଙ୍କ ସ୍ତ୍ରୀ ଦେବକୀ ପ୍ରଧାନ (୬୫), ନରୋତ୍ତମ ପ୍ରଧାନଙ୍କ ସ୍ତ୍ରୀ ଶାନ୍ତିଲତା ପ୍ରଧାନ(୬୭) ଓ ଲବଙ୍ଗ ବେହେରା ସକାଳ ୭ଟା ବେଳେ ଏମ୍‌ସିଏଲ୍ କୋଇଲା ଖଣି ନିକଟସ୍ଥ ଜଙ୍ଗଲକୁ ମହୁଲ ଗୋଟାଇବା ପାଇଁ ଯାଇଥିଲେ। ଏହି ସମୟରେ ସେମାନେ ଏକ ଦନ୍ତା ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀଟି ପ୍ରଥମେ ଦେବକୀଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପରେ ନିକଟରେ ଥିବା ଲବଙ୍ଗଙ୍କୁ ମଧ୍ୟ ହାତୀ ଟେକି ଫୋପାଡ଼ି ଦେଇଥିଲା। ଏଥିରେ ଲବଙ୍ଗଙ୍କ ଡାହାଣ ହାତ ଭାଙ୍ଗି ଯାଇଥିବା ବେଳେ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଖବରପାଇ ସ୍ଥାନୀୟ ଲୋକମାନେ ଲବଙ୍ଗଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଥିଲେ। ଏ ନେଇ ଗ୍ରାମରେ ଉତ୍ତେଜନା ଦେଖାଦେବା ସହ ତୁରନ୍ତ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଲୋକେ ଦାବି କରିଥିଲେ। ଛେଣ୍ଡିପଦା ବନବିଭାଗ କର୍ମଚାରୀ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆଲୋଚନା କରିବା ସହିତ ସରକାରୀ ନିୟମାନୁଯାୟୀ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲା। ଏହାପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା।


ଘଟଣାସ୍ଥଳରେ ଗ୍ରାମବାସୀଙ୍କ ଭିଡ଼।




## ୪ ମୋବାଇଲ ଚୋର ଗିରଫ

ଅନୁଗୋଳ ଅଫିସ, ୯।୪

ଅନୁଗୋଳ ସହରର ବିଭିନ୍ନ ଅଞ୍ଚଳରୁ ଲୋକଙ୍କ ଠାରୁ ମୋବାଇଲ ଝାମ୍ପି ନେଉଥିବା ଏକ ଗ୍ୟାଙ୍ଗକୁ ପୋଲିସ ଠାବ କରିଛି। ସେମାନଙ୍କ ନିକଟରୁ ୨ଟି ଚୋରା ମୋବାଇଲ ଜବତ କରାଯାଇଛି। ଏ ନେଇ ଥାନାରେ ନଂ. ୨୫୩/୧୯ରେ ମାମଲା ରୁଜୁ କରାଯାଇ ୪ ଜଣଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ଗିରଫ ଅଭିଯୁକ୍ତମାନେ ହେଲେ କଲିୟରୀ ଥାନା ଅଞ୍ଚଳର ବିପୁଲ ସାହୁ(୨୮), ପର୍ଜଙ୍ଗ ଥାନା ଲୋଧଣୀ ଅଞ୍ଚଳର ଚନ୍ଦନ ବେହେରା(୨୫), ନାଲ୍‌କୋ ଥାନା କନିଆବେଡ଼ାର ଧର୍ମେନ୍ଦ୍ର ବେହେରା(୨୩) ଓ ଅନ୍ୟ ଜଣେ ନାବାଳକ ଥିବା ତଦନ୍ତକାରୀ ଅଧିକାରୀ ନିରୋଦ ଦାସ ସୂଚନା ଦେଇଛନ୍ତି।

# ବିଦ୍ୟୁତ୍ ସେବା ନେଇ ଅସନ୍ତୋଷ

କଣିହାଁ,୯।୪(ଡି.ଏନ.ଏ.)



କଣିହାଁ ବ୍ଲକ ଅଞ୍ଚଳରୁ ଏସିଆ ମହାଦେଶର ସର୍ବାଧିକ ବିଦ୍ୟୁତ୍ ଉତ୍ପାଦନ ହେଉଥିବାବେଳେ ସ୍ଥାନୀୟ ବାସିନ୍ଦା ଉପଯୁକ୍ତ ବିଦ୍ୟୁତ୍ ସେବା ପାଉ ନାହାନ୍ତି। ଟିକେ ଜୋର୍‌ରେ ପବନ ହେଲେ ବିଦ୍ୟୁତ୍ ସରବରାହ ବନ୍ଦ କରାଯାଉଛି। ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ଯୋଗୁ ତାପମାତ୍ରା ସହ ଗୁଳୁଗୁଳି ବୃଦ୍ଧି ପାଉଛି। କିନ୍ତୁ ବିଦ୍ୟୁତ୍ ସେବା ଠିକ୍ ଭାବେ ଯୋଗାଇ ଦିଆଯାଉ ନ ଥିବାରୁ ଉପଭୋକ୍ତାମାନେ ବଡ଼ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଉପଭୋକ୍ତା ଗଣେଶ୍ୱର ସାହୁ କହିଛନ୍ତି, କଣିହାଁ ସବ୍ ଷ୍ଟେଶନରୁ ବିଦ୍ୟୁତ୍ ସେବା ମିଳୁଛି। ସେସୁ ସହିତ ଏନ୍‌ଜେନ ଯୋଗାଣ ଦାୟିତ୍ୱ ନେଇଛି। ମାସକୁ ମାସ ବିଦ୍ୟୁତ୍ ବିଲ୍ ପଇଠ ହେଉଥିଲେ ମଧ୍ୟ ସେବା ଯୋଗାଇବାରେ ଅବହେଳା କରାଯାଉଛି। ୩ ଦିନ ହେଲା କଂସମୁଣ୍ଡା, ବଡ଼ଗୁଣ୍ଠୁରୀ, ବଇଣ୍ଡା ଆଦି ଗ୍ରାମକୁ ବିଦ୍ୟୁତ୍ ପ୍ରଦାନରେ ଅଣଦେଖା କରାଯାଉଛି। ଅଭିଯୋଗ କଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିବା ସେ ଅଭିଯୋଗ କରିଛନ୍ତି। ସେହିପରି ଉପଭୋକ୍ତା ରମେଶ ସାହୁ, ଅଭିରାମ ସାହୁ କହିଛନ୍ତି, ଏନ୍‌ଜେନ କର୍ତ୍ତୃପକ୍ଷ ଚୋରା ସଂଯୋଗ ରୋକିବାରେ ଜାଣିଶୁଣି ଅବହେଳା କରୁଛି। ଅନେକ ବଡ଼ବଡ଼ିଆଙ୍କ ସହିତ ମିଶି ଏକାଧିକ ସଂଯୋଗ ରହିଥିଲେ ବି ଏନ୍‌ଜେନ୍ କିନ୍ତୁ ଗରିବଙ୍କୁ ନାଲି ଆଖି ଦେଖାଇ ବିଲ୍ ଆଦାୟ କରୁଛି। ଉକ୍ତ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ନେବାକୁ ଦାବି ହୋଇଛି। ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ ହୋଇ ନ ପାରିବାରୁ ମତାମତ ମିଳିପାରି ନାହିଁ।

## ଲୁଟ୍ ଅଭିଯୋଗରେ ୨ ଗିରଫ

କଣିହାଁ,୯।୪ (ଡି.ଏନ.ଏ.)

କଣିହାଁ ବ୍ଲକ ସମଲ ଥାନା ପୋଲିସ ୨ ଜଣ ଲୁଟେରାଙ୍କୁ ମଙ୍ଗଳବାର ସଂଧ୍ୟାରେ ଗିରଫ କରିଛି। ସମଲ ଥାନା ଆଇଆଇସି ସୁନୀଲ କୁମାର କର କହିଛନ୍ତି, ଅଞ୍ଚଳବାସୀଙ୍କୁ ଉପଯୁକ୍ତ ନ୍ୟାୟ ଦେବା ପାଇଁ କାର୍ଯ୍ୟ ଚାଲିଛି। ବୁଧବାର ଗଣମାଧ୍ୟମକୁ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯିବ।

## ଫଟୋରେ ଖବର


ଅନୁଗୋଳ ଅମଳାପଡ଼ାଠାରେ ମା' ବାସନ୍ତୀ ଦୁର୍ଗାଙ୍କ ମୂର୍ତ୍ତିରେ ଶେଷସ୍ପର୍ଶ ଦେଉଛନ୍ତି ଶିଳ୍ପୀ।

# ୩ ଗାଡ଼ି ମାଲିକଙ୍କ ବିରୋଧରେ ୱାରେଣ୍ଟ

ଅନୁଗୋଳ ଅଫିସ, ୯।୪

ସାଧାରଣ ନିର୍ବାଚନରେ ନିୟୋଜିତ ହେବାକୁ ଥିବା ଗାଡ଼ି ମାଲିକଙ୍କୁ ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ହେଲେ ତାଳଚେର ସ୍ଥିତ ପରିବହନ ଅଧିକାରୀଙ୍କ ନିକଟରେ ୩ ଜଣ ଗାଡ଼ି ମାଲିକ ହାଜର ନ ହେବାରୁ ସେମାନଙ୍କ ବିରୋଧରେ ମଙ୍ଗଳବାର ଜାମିନ ବିହୀନ ଗିରଫ ପରୱାନା ଜାରି କରାଯାଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

ସୂଚନାଯୋଗ୍ୟ ଯେ, ନିର୍ବାଚନ ପ୍ରକ୍ରିୟାରେ ରାୟଗଡ଼ା ଜିଲାକୁ ମୋଟ୍ ଦୁଇ ଶହ ବୋଲେରୋ ପଠାଯିବାକୁ ନିର୍ଦ୍ଦେଶ ଥିଲା। କିନ୍ତୁ ପରେ ଶହେ ଗାଡ଼ି ପରିବହନ କାର୍ଯ୍ୟାଳୟରେ ପହଞ୍ଚିବାକୁ କୁହାଯାଇଥିଲା। ସେଥିମଧ୍ୟରୁ ୩ଟି ଗାଡ଼ି ଆସି ନ ଥିଲା। ନିର୍ବାଚନ କାର୍ଯ୍ୟରେ ଅସହଯୋଗ ଓ ନିୟମ ଖିଲାପ ଅଭିଯୋଗରେ ସମ୍ପୃକ୍ତ ୩ଜଣ ଗାଡ଼ି ମାଲିକଙ୍କ ବିରୋଧରେ ଗିରଫ ପରୱାନା ଜାରି କରାଯାଇଥିବା ସୂଚନା ମିଳିଛି। ଏ ନେଇ ଅନୁଗୋଳ ଏସ୍‌ପିଙ୍କୁ ଅବଗତ କରାଯିବା ସହିତ କଲିୟରୀ ଥାନା, ବଆଁରପାଳ ଥାନା ସହ କଷ୍ଟାବଣିଆ ଥାନା ଅଧିକାରୀଙ୍କ ଅଞ୍ଚଳର ଗାଡ଼ି ହୋଇଥିବାରୁ ଉକ୍ତ ଥାନାଗୁଡ଼ିକୁ ଗିରଫ ପରୱାନା ଜାରି ପାଇଁ ନିର୍ଦ୍ଦେଶ ଦିଆଯାଇଛି।

■ପିପୁଲ ଫର ଆନିମଲ୍ସ ଅନୁଗୋଳ ୟୁନିଟ୍

# ଲିମ୍‌କା ବୁକ୍ ଅଫ୍ ରେକର୍ଡ୍ସରେ ମିଳିଲା ସ୍ଥାନ

ଅନୁଗୋଳ ଅଫିସ, ୯।୪

ନିରନ୍ତର ପରିଶ୍ରମ ଓ ପ୍ରଚେଷ୍ଟା ଯୋଗୁ ପିପୁଲ ଫର ଆନିମଲ୍ସ ଅନୁଗୋଳ ୟୁନିଟ୍‌କୁ ସର୍ବଭାରତସ୍ତରୀୟ ଲିମ୍‌କା ବୁକ ଅଫ୍ ରେକର୍ଡ୍ସରେ ସ୍ଥାନ ମିଳିଛି। ୨୦୧୧ ଠାରୁ ୨୦୧୮ ମଧ୍ୟରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ସଦସ୍ୟ ତଥା ଜିଲାର ବିଭାଗୀୟ ଅଧିକାରୀମାନଙ୍କ ସହଯୋଗରେ ପିପୁଲ ଫର ଆନିମଲ୍ସ ୧୯ ହଜାର ୫୫୫ଟି ପଶୁପକ୍ଷୀ ଉଦ୍ଧାର କରିଛନ୍ତି। ସେଥିମଧ୍ୟରୁ ୧୯ ହଜାର ୫ ଶହଙ୍କ ସମ୍ପୂର୍ଣ୍ଣ ଚିକିତ୍ସା କରାଯାଇ ସଫଳତା ପୂର୍ବକ ଜଙ୍ଗଲରେ ଛାଡ଼ି ଦିଆଯାଇଛି। ଏହି ପଶୁପକ୍ଷୀଙ୍କ ମଧ୍ୟରେ ୧୭ ହଜାର ୫ ଶହ ସର୍ପ, ୮୪୦ ଗୋଧି, ୭୦୫ ଗୋରୁ, ୧୫୦ ବହୁରୂପୀ ଏଣ୍ଡୁଅ ଓ ୧୧୫ କଇଁଛ ଆଦି ସାମିଲ ରହିଛି। ପିପୁଲ ଫର ଆନିମଲ୍ସ ଅନୁଗୋଳ ଶାଖା ଅଧ୍ୟକ୍ଷ ବିପ୍ଳବ କୁମାର ମହାପାତ୍ର ଏହି ରେକର୍ଡର ଅଧିକାରୀ ହୋଇଛନ୍ତି। ଗତ ୮ ତାରିଖରେ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲଙ୍କ ଠାରୁ ଉକ୍ତ ପୁରସ୍କାର ସେ ଗ୍ରହଣ କରିଛନ୍ତି। ପୁରସ୍କାର ପାଇବା ପରେ ବିପ୍ଳବ ନିଜ ଟିମ୍ ମେମ୍ବର ଓ ବିଭାଗୀୟ ଜଙ୍ଗଲ ଅଧିକାରୀମାନଙ୍କୁ ସମସ୍ତ ଶ୍ରେୟ ପ୍ରଦାନ କରିଛନ୍ତି।


ରାଜ୍ୟପାଳଙ୍କଠାରୁ ବିପ୍ଳବ କୁମାର ମହାପାତ୍ର ପୁରସ୍କାର ଗ୍ରହଣ କରୁଛନ୍ତି।

# ପୂର୍ବ ନେତା ଉଭାନ୍



ହଟିଲେ ଅଟଳ ବିହାରୀ ବାଜପେୟୀ ଓ ଲାଲକୃଷ୍ଣ ଆଡ୍‌ଭାନୀ



ବିଜୁ ଅଦୃଶ୍ୟ



ଇନ୍ଦିରା, ରାଜୀବ ଓ ସୋନିଆ ଗାନ୍ଧୀ ନାହାନ୍ତି

## ସଂକ୍ଷେପରେ

### ୪ କେଜି ଗଞ୍ଜେଇ ଜବତ, ଅଭିଯୁକ୍ତ ଗିରଫ



**ଢେଙ୍କାନାଳ ଅଫିସ, ୯।୪:** ଢେଙ୍କାନାଳ ସହର ଉପକଣ୍ଠ ମହିଷାପାଟ-ଶଙ୍କରପୁର ରାସ୍ତାରୁ ମଙ୍ଗଳବାର ୪ କେଜି ଗଞ୍ଜେଇ ସହ ଏକ ବାଇକ୍ (ଓଆର୍ ୦୨ ବିଏଚ୍ ୨୯୯୩) ଜବତ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ଗଣେଶ୍ୱର ସାହୁ (୩୭) ଗିରଫ ହୋଇଛନ୍ତି। ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶରେ ଇନ୍‌ସ୍ପେକ୍ଟର ରାଜଶେଖର ସ୍ୱାଇଁ, ନିରାକାର ଦେହୁରୀ, ସନ୍ତୋଷ ସ୍ୱାଇଁ ପ୍ରମୁଖ ଏହି ଚଢ଼ାଉରେ ସାମିଲ ଥିଲେ।

### ଡମ୍ଫର ଧକ୍କାରେ ବୋଲେରୋ ଡ୍ରାଇଭର ଗୁରୁତର

**ଭୁବନ, ୯।୪(ଡି.ଏନ୍.ଏ.)**

ଭୁବନ ଥାନା ଅଧୀନ ପଳାସପିଠିଆ ଗ୍ରାମର ଅକ୍ଷୟ ବାରିକ (୩୫) ମଙ୍ଗଳବାର ଦୁର୍ଘଟଣାରେ ଗୁରୁତର ହୋଇଛନ୍ତି। ଅକ୍ଷୟ ଜଣେ ବୋଲେରୋ ଡ୍ରାଇଭର। ସେ ଗାଡ଼ି ନେଇ ଭୁବନ ଆସୁଥିବାବେଳେ ଢେଙ୍ଗାବାହାଳି ନିକଟରେ ବିପରୀତ ପାର୍ଶ୍ୱରୁ ଆସୁଥିବା ଏକ ଡମ୍ଫର ଧକ୍କା ଦେଇଥିଲା। ଏଥିରେ ତାଙ୍କ ମୁଣ୍ଡ, କାନ, ଆଖିରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଦୁର୍ଘଟଣା ପରେ ସ୍ଥାନୀୟ ବାସିନ୍ଦା ତୁରନ୍ତ ୧୦୮ ଆମ୍ବୁଲାନ୍ସକୁ ସୂଚନା ଦେଇଥିଲେ। ତେବେ ଗାଡ଼ି ପହଞ୍ଚି ନ ଥିଲା। ଫଳରେ ଅକ୍ଷୟ ଅଧ ଘଣ୍ଟା ଧରି ଯନ୍ତ୍ରଣାରେ ଛଟପଟ ହୋଇଥିଲେ। ପୋଲିସ ପହଞ୍ଚି ତାଙ୍କୁ ଥାନା ଗାଡ଼ିରେ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଡମ୍ଫର ଡ୍ରାଇଭର ଗାଡ଼ି ନେଇ ଫେରାର ହୋଇଯାଇଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି।

### ନକଲି ମଦ କାରଖାନା ଠାବ, ୨ ଅଭିଯୁକ୍ତ ଗିରଫ

**ସୋର, ୯।୪(ଡି.ଏନ.ଏ.)**

ଅବକାରୀ ବିଭାଗ ତରଫରୁ ସିମୁଳିଆ ଥାନା ଅଧୀନ ସାହୁ ଖୋରଦା ଗ୍ରାମରେ ନକଲି ମଦ କାରଖାନା ଠାବ କରାଯାଇଛି। ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ସୁରେଶ କୁମାର ମହାନ୍ତି, ରୁଦ୍ର ପ୍ରକାଶ ମହାନ୍ତି। ଘଟଣାସ୍ଥଳରୁ ନକଲି ବିଦେଶୀ ମଦ ପାଇଁ ପ୍ରସ୍ତୁତି ୧୨୦ ଲିଟର ସ୍ପିରିଟ୍, ୧୮୦୦ ମଦ ଠିପି, ୧୦୫୦ କେପ, ଖାଲି ବୋତଲ ଓ ପ୍ରସ୍ତୁତି ପାଇଁ ବିଭିନ୍ନ ସାମଗ୍ରୀ ଜବତ କରାଯାଇଛି। ଏ ନେଇ ଅବକାରୀ ବିଭାଗ ଏବଂ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

■ଛଟେଇ କମ୍ପ୍ୟୁଟର ଲ୍ୟାବ୍ ସଂଯୋଜକଙ୍କ ଚେତାବନୀ

# ନିଯୁକ୍ତି ନିର୍ଦ୍ଦେଶ ନ ମିଳିଲେ ଭୋଟବର୍ଜନ

ଢେଙ୍କାନାଳ ଅଫିସ, ୯।୪



ଜିଲା ଶିକ୍ଷାଧିକାରୀଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଛଟେଇ କମ୍ପ୍ୟୁଟର ଲ୍ୟାବ୍ ସଂଯୋଜକମାନେ।

ରାଜ୍ୟ ସରକାରଙ୍କ ଦ୍ୱାରା ୪୦୦୦ କମ୍ପ୍ୟୁଟର ଲ୍ୟାବ୍ ସଂଯୋଜକଙ୍କୁ ଛଟେଇ କରାଯିବା ପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି ଢେଙ୍କାନାଳ ଜିଲା ସଂଘ। କାର୍ଯ୍ୟାନ୍ତର କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ନ ମିଳିଲେ ଭୋଟ ବର୍ଜନ କରିବାକୁ ଚେତାବନୀ ଦିଆଯାଇଛି। ଏ ନେଇ ସଂଘ ପକ୍ଷରୁ ମଙ୍ଗଳବାର ଜିଲାପାଳଙ୍କ ଜରିଆରେ ସରକାରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି।

ସମ୍ପୃକ୍ତ କମ୍ପ୍ୟୁଟର ଲ୍ୟାବ୍ ସଂଯୋଜକ ଦୀର୍ଘଦିନ ଧରି କାର୍ଯ୍ୟ କରି ଆସୁଥିଲେ। ସେମାନଙ୍କୁ ହଠାତ୍ ଛଟେଇ କରାଯାଇଛି। ଏହାକୁ ସଂଘର କର୍ମକର୍ତ୍ତା ତୀବ୍ର ନିନ୍ଦା କରିଛନ୍ତି। ଛଟେଇ କର୍ମଚାରୀଙ୍କୁ ତୁରନ୍ତ ସ୍ଥାୟୀ ନିଯୁକ୍ତି, ସେମାନଙ୍କୁ କମ୍ପ୍ୟୁଟର ଶିକ୍ଷକ ମାନ୍ୟତା, ଆଇସିପିଇ ବିଦ୍ୟାଳୟ ପ୍ରୋଜେକ୍ଟ ଘରୋଇକରଣ ବନ୍ଦ କରିବା ଏବଂ ଏହାର ଦାୟିତ୍ୱ ସରକାର ନିଜ ହାତକୁ ନେବା ଆଦି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏ ଦିଗରେ ସକାରାତ୍ମକ ପଦକ୍ଷେପ ନିଆ ନ ଗଲେ ଭୋଟ ବର୍ଜନ କରିବାକୁ ସମ୍ପାଦକ ଶ୍ରୀକାନ୍ତ ଆଚାର୍ଯ୍ୟ, କୋଷାଧ୍ୟକ୍ଷ ଜୟନ୍ତ କୁମାର, ସତ୍ୟଶୋଭନ ତ୍ରିପାଠୀ, ସତ୍ୟନାରାୟଣ ସାହୁ, ଦିଲୀପ ମିଶ୍ର, ଅମ୍ବରୀଶ ସାହୁ, ଦୁଃଶାସନ ବାରିକ, ହୃଦାନନ୍ଦ ସାହୁ, ସୁଦର୍ଶନ ପଣ୍ଡା, ଶିବପ୍ରସାଦ ସାହୁ, ପ୍ରତୀକ୍ଷା ପ୍ରିୟଦର୍ଶିନୀ ମିଶ୍ର, ତନୁଜା ତପସ୍ୱିନୀ ପୃଷ୍ଟି, ମାନସୀ ମହାରଣା, ପ୍ରତିଭା ଶତପଥୀ, ଗାୟତ୍ରୀ ମିଶ୍ର, ନର୍ମଦା ନାୟକ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ସଂକ୍ରାନ୍ତରେ ଜିଲାପାଳ ଏବଂ ଜିଲା ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

■ସମର୍ଥନ ଜଣାଇଲା ଓଷ୍ଟା ଶାଖା

■ବାଧାପ୍ରାପ୍ତ ହେବ କମ୍ପ୍ୟୁଟର ଶିକ୍ଷା

ସେହିପରି କମ୍ପ୍ୟୁଟର ଲ୍ୟାବ୍ ସଂଯୋଜକଙ୍କୁ ଛଟେଇ କରାଯିବା ଘଟଣାକୁ ନିନ୍ଦା କରିଛି ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଶାଖା। ଏହାଦ୍ୱାରା ଛାତ୍ରୀଛାତ୍ରଙ୍କ କମ୍ପ୍ୟୁଟର ଶିକ୍ଷା ପ୍ରଭାବିତ ହେବ। ବିଦ୍ୟାଳୟ ସମ୍ପର୍କିତ ସୂଚନା ପ୍ରଦାନରେ ବାଧା ଉପୁଜିବ। ଯୋଗାଇ ଦିଆଯାଇଥିବା କମ୍ପ୍ୟୁଟର ବ୍ୟବହାର ନ ହୋଇ ପଡ଼ିରହିବ। ଏହାଦ୍ୱାରା ସେଗୁଡ଼ିକ ଅଚଳ ହୋଇଥିବା ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଉଚ୍ଛେଦ କର୍ମଚାରୀଙ୍କୁ ତୁରନ୍ତ ସେମାନଙ୍କ ପଦବୀରେ ପୁନଃନିଯୁକ୍ତି ଦାବିରେ ମଙ୍ଗଳବାର ଓଷ୍ଟା ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସଭାପତି ଅମ୍ବରୀଶ ଶତପଥୀ, ସମ୍ପାଦକ ଅକ୍ଷୟ କୁମାର ସାହୁ, କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ ଧଳ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀରାମ ରାଉତ, ଯୁଗ୍ମ ସମ୍ପାଦକ ବିଭୂତି ସାମଲ, ପୀତାମ୍ବର ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।



ବିଜେଡି ପ୍ରାର୍ଥୀ ପ୍ରଚାର କରୁଛନ୍ତି।

# ବିଜେଡିର ମାରାଥନ ପ୍ରଚାର

**ପରଜଙ୍ଗ, ୯।୪(ଡି.ଏନ.ଏ.)**

ପରଜଙ୍ଗ ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରଚାର ଅଭିଯାନ ଜୋରଦାର କରିଛି ବିଜେଡି। ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ତଥା ବିଧାୟକ ଡା. ନୃସିଂହ ଚରଣ ସାହୁ, ପାଲଲହଡ଼ା ବିଧାୟକ ତଥା ଲୋକ ସଭା ପ୍ରାର୍ଥୀ ମହେଶ ସାହୁ ଶତାଧିକ କର୍ମୀଙ୍କ ଗହଣରେ ଶୋଭାଯାତ୍ରା କରି ଭୋଟରଙ୍କ ନିକଟତର ହେବାକୁ ଉଦ୍ୟମ ଚଳାଇଛନ୍ତି। ପରଜଙ୍ଗ ବ୍ଲକ ଅଧୀନ ମୁକ୍ତାପଶି, ଜୟପୁରାକାଟେଣୀ, ପଥରଖମ୍ବ, କଙ୍କିଳି, ବଶୋଇ ଅଞ୍ଚଳରେ ମଙ୍ଗଳବାର ଉଭୟେ ବାଇକ୍ ଶୋଭାଯାତ୍ରା ମାଧ୍ୟମରେ ମାରାଥନ୍ ପ୍ରଚାର କରିଛନ୍ତି। ରାଜ୍ୟ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟ ଏବଂ ନବୀନ ପଟ୍ଟନାୟକ ବଳିଷ୍ଠ ବ୍ୟକ୍ତିତ୍ୱକୁ ମୁଖ୍ୟ ପ୍ରସଙ୍ଗ କରି ସେମାନେ ମଇଦାନକୁ ଓହ୍ଲାଇଛନ୍ତି।

ନୃସିଂହ ୪ ଥର ବିଧାୟକ ହୋଇଥିବାବେଳେ ସେ ପରଜଙ୍ଗ ନିର୍ବାଚନମଣ୍ଡଳୀରୁ କ୍ରମାଗତ ୨ ଥର ଜିତିଛନ୍ତି। ତୃତୀୟ ଥର ପରଜଙ୍ଗରୁ ବିଜୟୀ ହୋଇ ହାଟ୍ରିକ କରିବାକୁ ସେ ଦୃଢ଼ ଆଶାବାଦୀ। ସେହିପରି ପ୍ରଥମଥର ଏମ୍‌ପି ପ୍ରାର୍ଥୀ ହୋଇଥିବା ମହେଶ ମଧ୍ୟ ନିଜର ବିଜୟ ସୁନିଶ୍ଚିତ ବୋଲି ଦମ୍ଭୋକ୍ତି ପ୍ରକାଶ କରିଛନ୍ତି।

ବ୍ଲକ ଅଧ୍ୟକ୍ଷ ଅକ୍ଷୟ ବେହେରା, ବ୍ଲକ ବିଜେଡି ସଭାପତି କୃଷ୍ଣଚନ୍ଦ୍ର ମହାନ୍ତି, ଯୁବ ବିଜେଡି ସଭାପତି ସୁବ୍ରତ ଦାସ, ପୂର୍ବତନ ଜିଲା ପରିଷଦ ସଭ୍ୟ ନିରାକାର ପ୍ରଧାନ, ନରୋତ୍ତମ ସାହୁ, ଭୂପେଶ ପ୍ରଧାନ, ରଞ୍ଜନ ସେଠୀଙ୍କ ସମେତ ଶତାଧିକ କର୍ମୀ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

■ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା

## ସାଉଁଟିଲେ ପୁରୁଣା ଦିନର ସ୍ମୃତି



ବିଦାୟ ସମ୍ବର୍ଦ୍ଧନା ଉତ୍ସବରେ ଅତିଥିଙ୍କ ସମେତ ଛାତ୍ରୀଛାତ୍ରମାନେ।

**ଭୁବନ, ୯।୪(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଭୁବନସ୍ଥିତ ବାଜି ରାଉତ ସ୍ମୃତି ମହାବିଦ୍ୟାଳୟ ରସାୟନ ବିଜ୍ଞାନ ସମ୍ମାନ ବିଭାଗ ଶେଷବର୍ଷ ଛାତ୍ରୀଛାତ୍ରଙ୍କୁ ମଙ୍ଗଳବାର ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। କଲେଜର ଶେଷଦିନରେ ବରିଷ୍ଠ ପିଲାମାନେ ନିଜର ଅନୁଭୂତି ବାଣ୍ଟିବା ସହ ପୁରୁଣା ଦିନର ସ୍ମୃତି ସାଉଁଟିଥିଲେ।

କଲେଜ ଅଧ୍ୟକ୍ଷ ଡ. କିଶୋର ଚନ୍ଦ୍ର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ବିଦାୟୀ ବ୍ୟାଚ୍ ରସାୟନ ବିଜ୍ଞାନ ବିଭାଗ କଲେଜର ପ୍ରଥମ ବ୍ୟାଚ୍। ବିଭିନ୍ନ କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କ ସହଯୋଗ ସ୍ମୃତି ହୋଇରହିବ। ଶିକ୍ଷାର୍ଥୀ ଜୀବନରେ ଚପଳାମି ସାଧାରଣ କଥା। ଶିକ୍ଷାନୁଷ୍ଠାନର ଅଧ୍ୟାପିକାଅଧ୍ୟାପକଙ୍କ ସମେତ ପ୍ରତି କର୍ମଚାରୀ ଏଥିପ୍ରତି ସଚେତନ ହେବା ଜରୁରୀ ବୋଲି ସେ ମତବ୍ୟକ୍ତ କରିଥିଲେ। ଏଥିସହ ସେ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସତ୍ୟନାରାୟଣ ଦାସ, ଜୀବନପ୍ରଦୀପ ସାହୁ, ସଞ୍ଜୟ ସାହୁ, ସୁଦେଷ୍ଣା ଆଏଚ, ସୁରେଶ ସାହୁ, ପ୍ରମୋଦ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କ ମାର୍ଗଦର୍ଶନ କରାଇଥିଲେ।

ଛାତ୍ରୀ ଆଲିଶା ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଧରିତ୍ରୀ ବ୍ରହ୍ମ ଧନ୍ୟବାଦ ଅର୍ପଣ କରିଥିଲେ। ବିଶ୍ୱଜିତ୍ ମଲ୍ଲିକ, ଆଶୁତୋଷ ମିଶ୍ର, ସତ୍ୟଜିତ୍ ପ୍ରଧାନଙ୍କ ସମେତ ବିଭାଗର ସମସ୍ତ ଛାତ୍ରୀଛାତ୍ର ଏଥିରେ ସହଯୋଗ କରିଥିଲେ।

## ଦ୍ୱିତୀୟ ପର୍ଯ୍ୟାୟ ରାଣ୍ଡମାଇଜେଶନ ଶେଷ

**ଢେଙ୍କାନାଳ ଅଫିସ, ୯।୪**

ମୁଖ୍ୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ଢେଙ୍କାନାଳ ଲୋକ ସଭା (୯) ନିର୍ବାଚନ ପାଇଁ ଦ୍ୱିତୀୟ ପର୍ଯ୍ୟାୟ ରାଣ୍ଡମାଇଜେଶନ କାର୍ଯ୍ୟ ମଙ୍ଗଳବାର ଶେଷହୋଇଛି। ପୂର୍ବାହ୍ନ ୯ଟାରେ ଜାତୀୟ ସୂଚନା କେନ୍ଦ୍ର ପରିସରରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ନିର୍ବାଚନମଣ୍ଡଳୀ ଲାଗି ନିଯୁକ୍ତ ପର୍ଯ୍ୟବେକ୍ଷକ, ପ୍ରାର୍ଥୀ ଏବଂ ଜନପ୍ରତିନିଧି ଉପସ୍ଥିତ ଥିଲେ।

ଢେଙ୍କାନାଳ (୫୫), ହିନ୍ଦୋଳ (୫୬), କାମାକ୍ଷାନଗର (୫୭), ପରଜଙ୍ଗ (୫୮), ପାଲଲହଡ଼ା (୫୯), ତାଳଚେର (୬୦), ଅନୁଗୋଳ (୬୧) ବିଧାନସଭା କ୍ଷେତ୍ର ଅଧୀନ ବିଭିନ୍ନ ବୁଥ୍‌ରେ ବ୍ୟବହାର ହେବାକୁ ଥିବା ଇଭିଏମ୍ ଏବଂ ଭିଭିପିଏଟି ମେଶିନକୁ ସଫ୍ଟୱେର ମାଧ୍ୟମରେ ଯୋଡ଼ା ଯାଇଥିଲା। ଏହାର ତଥ୍ୟଭିତ୍ତିକ ନକଲ ପ୍ରାର୍ଥୀଙ୍କୁ ହସ୍ତାନ୍ତର କରାଯାଇଥିବା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହେମନ୍ତ କୁମାର ନାୟକ ସୂଚନା ଦେଇଛନ୍ତି। ଏହି ପ୍ରକ୍ରିୟାରେ ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ନରୋତ୍ତମ ବେହେରା, ଉପଜିଲାପାଳ ସାଫଲ୍ୟମଣ୍ଡିତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ୨୪ ବିଜେଡି କର୍ମୀ ଭାଜପାରେ



ଭାଜପାରେ ସାମିଲ ହୋଇଥିବା ବିଜେଡି କର୍ମୀମାନେ।

**ପରଜଙ୍ଗ, ୯।୪(ଡି.ଏନ.ଏ.)**

ପରଜଙ୍ଗ ଭାଜପା କାର୍ଯ୍ୟାଳୟରେ ମଙ୍ଗଳବାର ସନ୍ଧ୍ୟାରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବାରିହାପୁର ଗ୍ରାମର ୨୪ ବିଜେଡି କର୍ମୀ ଭାଜପାରେ ଯୋଗଦେଇଛନ୍ତି।

ସମ୍ପୃକ୍ତ କର୍ମୀମାନେ ଦୀର୍ଘଦିନ ଧରି ବିଜେଡି ସଙ୍ଗଠନ ସହ ଜଡ଼ିତ ଥିଲେ। ସେମାନଙ୍କୁ ଅଣଦେଖା କରାଯାଉଥିଲା। ଭାଜପା ଜିଲା ସଭାପତି ତଥା ବିଧାୟକ ପ୍ରାର୍ଥୀ ବିଭୂତି ଭୂଷଣ ପ୍ରଧାନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଭାଜପାରେ ଯୋଗଦେଇଥିବା ସେମାନେ କହିଛନ୍ତି। ଦଳରେ ନୂତନ ଭାବେ ଯୋଗଦେଇଥିବା କର୍ମୀଙ୍କୁ ଉତ୍ତରୀୟ ଦେଇ ସ୍ୱାଗତ କରାଯାଇଥିଲା। ଜିଲା ଉପସଭାପତି ସୁଶାନ୍ତ ଦଳବେହେରା, ଯୁବ ମୋର୍ଚ୍ଚା ସମ୍ପାଦକ ସନ୍ତୋଷ ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ସାହୁ, ପୂର୍ବତନ ସରପଞ୍ଚ ପ୍ରଶାନ୍ତ ଦଳବେହେରା, ରାଜା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଚାର ମଇଦାନରେ କେପି



ନିର୍ବାଚନୀ ସଭାରେ କେପିଙ୍କ ସମେତ ଅନ୍ୟମାନେ।

**କାମାକ୍ଷାନଗର, ୯।୪(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲାରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ହେବାକୁ ଥିବାବେଳେ ପ୍ରମୁଖ ଦଳର ନେତାମାନେ ପ୍ରଚାର କାର୍ଯ୍ୟ ଜୋର୍‌ଦାର କରିଛନ୍ତି। ଏହି ପରିପ୍ରେକ୍ଷୀରେ କଂଗ୍ରେସ ଏମ୍‌ପି ପ୍ରାର୍ଥୀ ବ୍ରିଗେଡିୟର ରାଜା କାମାକ୍ଷା ପ୍ରସାଦ ସିଂଦେଓ (କେପି) ଏବଂ ବିଧାୟକ ପ୍ରାର୍ଥିନୀ ଯଶସ୍ୱୀନି ରାଉତ ମଙ୍ଗଳବାର କଙ୍କଡ଼ାହାଡ଼ ବ୍ଲକର ବିଭିନ୍ନ ପଞ୍ଚାୟତ ବୁଲି ପ୍ରଚାର କରିଥିଲେ। ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ବିଫଳତାକୁ ପ୍ରମୁଖ ପ୍ରସଙ୍ଗ କରି ଉଭୟେ ଜନସାଧାରଣଙ୍କ ନିକଟରେ ପହଞ୍ଚିବାକୁ ଚେଷ୍ଟା କରୁଛନ୍ତି।

କେପି ଏବଂ ଯଶସ୍ୱିନୀ କଙ୍କଡ଼ାହାଡ଼ରେ ପହଞ୍ଚିବା ପରେ ସେଠାରୁ ବିଶାଳ ଶୋଭାଯାତ୍ରା ବାହାରିଥିଲା। ସ୍ଥାନୀୟ ହାଟ ପରିସରରେ ସାଧାରଣ ସଭା ଆୟୋଜିତ ହୋଇଥିଲା। ଗ୍ରାମାଞ୍ଚଳରେ କଂଗ୍ରେସ ସପକ୍ଷରେ କିପରି ଅଧିକରୁ ଅଧିକ ଭୋଟ ଆସିବ ସେ ନେଇ ଭୋଟରଙ୍କ ନିକଟତର ହେବାକୁ କେପି ଦଳୀୟ କର୍ମୀଙ୍କୁ ପରାମର୍ଶ ଦେଇଥିଲେ। ଛତିଶଗଡ଼ରେ କଂଗ୍ରେସ ସରକାର ଆସିବା ପରେ ଚାଷୀଙ୍କ ଋଣ ଛାଡ଼ କରାଯାଇଛି। ଓଡ଼ିଶାରେ କଂଗ୍ରେସ ସରକାର ଆସିଲେ କୃଷିକ୍ଷେତ୍ରର ଯଥେଷ୍ଟ ଉନ୍ନତି ହେବ। ଚାଷୀମାନଙ୍କ ଆର୍ଥିକ ବିକାଶ, ନିଯୁକ୍ତି ବଢ଼ିବ। ତେଣୁ କଂଗ୍ରେସକୁ ଭୋଟ ଦେଇ ଜିତାଇବାକୁ କେପି ସମସ୍ତଙ୍କୁ ଅନୁରୋଧ କରିଥିଲେ।

ବରିଷ୍ଠ ନେତା ସନ୍ତୋଷ ରାଉତ, ଦିଲୀପ ନାଥ, ନଗେନ ବିନାୟକ, ତ୍ରିନାଥ ପଣ୍ଡାଙ୍କ ସମେତ ନିର୍ବାଚନମଣ୍ଡଳୀର ଶତାଧିକ କର୍ମୀ ଉପସ୍ଥିତ ଥିଲେ।

## ବୈଶ୍ୟ ବଣିକ ସଂଘ ବାର୍ଷିକ ମହାସଭା

**କାମାକ୍ଷାନଗର, ୯।୪(ଡି.ଏନ୍.ଏ.)**

ଢେଙ୍କାନାଳ ଓ ଅନୁଗୋଳ ଜିଲାର ପୁରୁଳି ବୈଶ୍ୟ ବାଣିକ ସଂଘର ତ୍ରୟବାର୍ଷିକ ମହାସଭା କାମାକ୍ଷାନଗର ବ୍ଲକ କାଦୁଆ ଭଗୀରଥିପୁର ଶିବମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଉଭୟ ଜିଲାରୁ ୫୦୦ରୁ ଊର୍ଦ୍ଧ୍ୱ ସଭ୍ୟ ଯୋଗଦେଇଥିଲେ। ସଂଘର କର୍ମକର୍ତ୍ତାମାନେ ପଟୁଆରରେ କାଦୁଆ ଗ୍ରାମ ପରିକ୍ରମା କରିବା ପରେ ସଭାସ୍ଥଳରେ ପହଞ୍ଚିଥିଲେ। ସଭାପତି ଭ୍ରବରବର ସାହୁ ବୈଶ୍ୟ ସମାଜର ପତାକା ଉତ୍ତୋଳନ କରାପରେ ସଭା କାର୍ଯ୍ୟ ଶୁଭାରମ୍ଭ ହୋଇଥିଲା। କୋଷାଧ୍ୟକ୍ଷ ଦୁର୍ଯ୍ୟୋଧନ ସାହୁ, ଦୁଃଶାସନ ସାହୁ, ବାବୁଲ ସାହୁ, ଯୁଗଳ କିଶୋର ସାହୁ, ପବିତ୍ର କୁମାର ସାହୁ ପ୍ରମୁଖ ସମାଜର ବିଭିନ୍ନ ସମସ୍ୟା ଏବଂ ଏହାର ସମାଧାନ ସମ୍ପର୍କରେ ଆଲୋକପାତ କରିଥିଲେ। ଲୋକଙ୍କ ସର୍ବାଙ୍ଗୀନ ଉନ୍ନତି ଲାଗି ବିଭିନ୍ନ ପ୍ରସ୍ତାବ ଆଗତ କରାଯାଇଥିଲା। ଆଗାମୀ ଦିନରେ ସଂଘ ପକ୍ଷରୁ ଏକାଧିକ ଉନ୍ନୟନମୂଳକ କାର୍ଯ୍ୟ ହାତକୁ ନିଆଯିବ। ସମାଜର ଗରିବ ପରିବାରକୁ ସହାୟତାର ହାତ ବଢ଼ାଯିବ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଛି।

■ଟ୍ରକ୍ ପଛରେ ପିଟିଲା ଟ୍ରକ୍

# ଶାଳକ ସମ୍ମୁଖରେ ଚାଲିଗଲା ଭିଣୋଇ ଜୀବନ

**ପରଜଙ୍ଗ, ୯।୪(ଡି.ଏନ.ଏ.)**



ଦୁର୍ଘଟଣାଗ୍ରସ୍ତ ଟ୍ରକ୍।

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ୧୪୯ନଂ. ଜାତୀୟ ରାଜପଥ ଅଧୀନ ପରମହଂସପୁର ଛକ ନିକଟରେ ସୋମବାର ବିଳମ୍ବିତ ରାତିରେ ଦୁର୍ଘଟଣା ଘଟିଛି। ରାସ୍ତାପାର୍ଶ୍ୱରେ ଛିଡ଼ା ହୋଇଥିବା ଟ୍ରକ୍‌କୁ ପାଲଲହଡ଼ା ଯାଉଥିବା ଅନ୍ୟ ଏକ କୋଇଲା ବୋଝେଇ ୧୦ ଚକିଆ ଟ୍ରକ୍ (ଓଆର ୧୪ ଏଲ୍ ୫୧୩୭) ଧକ୍କା ଦେବାରୁ ଘଟଣାସ୍ଥଳରେ ହେଲ୍‌ପରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜଗତ୍‌ସିଂହପୁର ଅଞ୍ଚଳର ଗଣେଶ ରାଉତ। ଏହି ଘଟଣାରେ ଗାଡ଼ି ଡ୍ରାଇଭର ତଥା ମୃତକଙ୍କ ଶାଳକ ତୋଫାନ ଭୋଇଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତଙ୍କ ଘର ବୌଦ୍ଧପୁର ଗ୍ରାମରେ। ଶାଳକଙ୍କ ଆଖି ଆଗରେ ଭିଣୋଇଙ୍କ ଜୀବନ ଚାଲିଯିବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

ସୂଚନାଯୋଗ୍ୟ, ତୋଫାନ କୋଇଲା ଟ୍ରକ୍ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିବାବେଳେ ଏଥିରେ ତାଙ୍କୁ ସହଯୋଗ କରୁଥିଲେ ଗଣେଶ। ଉଭୟେ ବିଳମ୍ବିତ ରାତିରେ ପାଲଲହଡ଼ା ଅଭିମୁଖେ କୋଇଲା ନେଇ ଯାଉଥିବାବେଳେ ସମ୍ମୁଖରେ ଥିବା ଉକ୍ତ ଟ୍ରକ୍ ସହ ଗାଡ଼ିର ବାମପାର୍ଶ୍ୱ ଧକ୍କା ହୋଇଥିଲା। ଏଥିରେ ଗଣେଶଙ୍କ ଶରୀର ଖଣ୍ଡବିଖଣ୍ଡିତ ହୋଇଯିବା ସହ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ଘଟଣା ସମ୍ପର୍କରେ ଥାନାକୁ ଅବଗତ କରିଥିଲେ ମଧ୍ୟ ମଙ୍ଗଳବାର ସକାଳ ସୁଦ୍ଧା ପୋଲିସ ପହଞ୍ଚି ନ ଥିଲା। ଫଳରେ ଉତ୍ତ୍ୟକ୍ତ ଲୋକେ ଜାତୀୟ ରାଜପଥ ଅବରୋଧ କରିଥିଲେ। ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଥିଲା। ଘଟଣାସ୍ଥଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ପୂର୍ବାହ୍ନ ୮ଟାରେ ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ଥାନାଧିକାରୀ ଆନନ୍ଦ ଡୁଙ୍ଗଡୁଙ୍ଗ, ଏଏସ୍‌ଆଇ ଗୋପବନ୍ଧୁ ବେହେରା ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ଜବତ କରାଯାଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି।

■ବିଳମ୍ବରେ ପହଞ୍ଚିଲା ପୋଲିସ

■ରାସ୍ତାରୋକୋ, ଉତ୍ତେଜନା

## ସଂକ୍ଷେପରେ

### ଜମିବାଡ଼ି ବିବାଦରୁ ଆକ୍ରମଣ, ଜଣେ ମୃତ

ଛେଣ୍ଡିପଦା,୯।୪(ସ୍ୱ.ପ୍ର.)- ଛେଣ୍ଡିପଦା ଥାନା ବାଲିପଟା ଗ୍ରାମରେ ମଙ୍ଗଳବାର ପାଇଖାନା ତିଆରି ନିମନ୍ତେ ଜମିବାଡି ବିବାଦକୁ କେନ୍ଦ୍ର କରି ୨ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଛି। ଏଥିରେ ଟାଙ୍ଗିଆ ଚୋଟରେ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨ ଜଣ ଆହତ ହୋଇଛନ୍ତି।

ପୋଲିସ କହିଛି, ପାଇଖାନା ତିଆରି ନିମନ୍ତେ ଜମିବାଡି ବିବାଦକୁ ନେଇ ତରୁଣ ନାଏକ (୪୦) ଓ ଅଭୟ ଓରଫ ଅଭିମନ୍ୟୁ ନାଏକଙ୍କ ପରିବାର ମଧ୍ୟରେ ବଚସା ହୋଇଥିଲା। ପରେ ଉଭୟଙ୍କ ପରିବାର ମଧ୍ୟରେ ମାଡ଼ପିଟ୍ ହୋଇଥିଲା। ଏହି ସମୟରେ ତରୁଣଙ୍କ ପୁଅ ତପନ ନାଏକ ଓ ସିଦ୍ଧାନ୍ତ ନାଏକ ଏକ ଟାଙ୍ଗିଆରେ ଅଭୟଙ୍କୁ ଆକ୍ରମଣ କରିଥିଲେ। ଏହାଦେଖି ଅଭୟଙ୍କ ଦାଦା ହେମନ୍ତ ନାଏକ ବୁଝାଶୁଝା କରିବା ପାଇଁ ଉଦ୍ୟମ କରୁଥିବାବେଳେ ସେ ମଧ ଆକ୍ରମଣର ଶିକାର ହୋଇଥିଲେ। ପରିବାର ଲୋକେ ଅଭୟ ଓ ହେମନ୍ତଙ୍କୁ ଉଦ୍ଧାର କରି ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଅଭୟଙ୍କୁ ମୃତ ଘୋଷଣା କରିଥିଲେ। ହେମନ୍ତଙ୍କ ମୁଣ୍ଡ ଓ ପିଠିରେ ଗଭୀର ଆଘାତ ଲାଗିଛି। ସେହିପରି ମାରପିଟ୍ ବେଳେ ତପନ ନାଏକ ମଧ ଆହତ ହୋଇଛନ୍ତି। ଏ ନେଇ ଅଭୟଙ୍କ ଭାଇ ସିପୁ ନାଏକ ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ କରିବାପରେ ପୋଲିସ ନଂ. ୧୨୯/୧୯ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ତପନ ଓ ସିଦ୍ଧାନ୍ତଙ୍କୁ ଅଟକ ରଖି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ପ୍ରିୟବ୍ରତ ଦାଶ ସୂଚନା ଦେଇଛନ୍ତି।

### ନିର୍ବାଚନ ସମ୍ପର୍କିତ ଅଭିଯୋଗ ପାଇଁ ଯୋଗାଯୋଗ ନମ୍ବର

ଅନୁଗୋଳ ଅଫିସ, ୯।୪- ଅନୁଗୋଳ ଜିଲାରେ ତୃତୀୟ ପର୍ଯ୍ୟାୟରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ଇତିମଧ୍ୟରେ ପ୍ରାର୍ଥୀଙ୍କ ବୈଧ ତାଲିକା ମଧ ପ୍ରକାଶ ପାଇସାରିଛି। ତେବେ ଆସନ୍ତା ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ଶେଷ କରିବାକୁ ନିର୍ବାଚନ କମିଶନ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ଏଥିପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଏକ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ନିର୍ବାଚନ ସମ୍ପର୍କିତ ଅଭିଯୋଗ ଥିଲେ ଏହି କଣ୍ଟ୍ରୋଲ ରୁମ୍‌ର ଫୋନ ନମ୍ବର ୦୬୭୪-୨୩୯୫୦୧୫, ୦୬୭୪-୨୫୧୦୨୩୦ ଓ ଫ୍ୟାକ୍ସ ନମ୍ବର ୦୬୭୪-୨୫୧୦୨୩୧ ଯୋଗେ ସାଧାରଣ ଲୋକେ ଯୋଗାଯୋଗ କରିବାର ସୁବିଧା ରହିଛି ବୋଲି କୁହାଯାଇଛି।

### ମାଗଣା ଚକ୍ଷୁ ପରୀକ୍ଷା ଶିବିର



ତାଳଚେର,୯।୪(ନି.ପ୍ର.)- ଉତ୍କଳ ପ୍ରାଦେଶିକ ମାରୱାଡି ସମ୍ମେଳନ ପକ୍ଷରୁ ତାଳଚେର ମଦନମୋହନ ଧର୍ମଶାଳାଠାରେ ଦୁଇଦିନିଆ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଆରମ୍ଭ ହୋଇଛି। କଟକର ପ୍ରତିଷ୍ଠିତ ଅଗ୍ରୱାଲ ଚକ୍ଷୁ ଚିକିତ୍ସାଳୟର ଅଭିଜ୍ଞ ଡାକ୍ତର ସନତ କୁମାର ଦାସ ଓ ତାଙ୍କର ୪ଜଣିଆ ଟିମ୍ ରୋଗୀମାନଙ୍କ ଚକ୍ଷୁ ପରୀକ୍ଷା କରି ଆବଶ୍ୟକ ପରାମର୍ଶ ଦେଇଥିଲେ। ମଙ୍ଗଳବାର ପ୍ରଥମ ଦିନରେ ୯୮ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ତାଳଚେର ମାରୱାଡି ସମ୍ମେଳନ ସଭାପତି ଶଙ୍କରଲାଲ ମୋଦି, ମଦନ ଅଗ୍ରୱାଲ, ଦେବରାଜ ଜେନ, ମନୋଜ ମୋଦି, ବେଦୁ ମୋଦି, ଗୋପାଳ ମୋଦି, ଅର୍ଜୁନ ଅଗ୍ରୱାଲ, ପ୍ରମୋଦ ଅଗ୍ରୱାଲ, ମଦନଲାଲ ମୋଦି ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହାୟତା କରିଥିଲେ।

### ୨ ଅଭିଯୁକ୍ତ କୋର୍ଟଚାଲାଣ

ଅନୁଗୋଳ ଅଫିସ, ୯।୪- ଅନୁଗୋଳ ଥାନା କୁରୁଡ଼ୁଲୁ ଓ କୁଶାସିଂହା ଅଞ୍ଚଳରୁ ଦୁଇ ପୁରୁଣା ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। କୁରୁଡ଼ୁଲୁ ଅଞ୍ଚଳର ପ୍ରତାପ ସାହୁ(୩୬) ୨୦୧୫ରେ ଏକ ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଥିଲା। ସେହିପରି କୁଶାସିଂହା ଅଞ୍ଚଳର ରବିନାରାୟଣ ବେହେରା(୩୪) ଗଣ୍ଡଗୋଳରେ ସମ୍ପୃକ୍ତ ଥିଲେ। ଉଭୟଙ୍କୁ ଧରିବା ପାଇଁ ୱାରେଣ୍ଟ ଥିବାବେଳେ ସେମାନେ ପୋଲିସକୁ ଚକ୍‌ମା ଦେଇ ବୁଲୁଥିଲେ। ତେବେ ଦୁହିଁଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

# ବିଜେଡି ବାବୁ ବନାମ ରାଜନେତା

ଆଠମଲ୍ଲିକ/ବଇଣ୍ଡା,୯।୪(ଡି.ଏନ.ଏ.)

**ଆଠମଲ୍ଲିକ ନିର୍ବାଚନମଣ୍ଡଳୀ**



ରମେଶ ଚନ୍ଦ୍ର ସାଏ। ଭାଗୀରଥି ପ୍ରଧାନ। ବିଜୟାନନ୍ଦ ଚାଉଳିଆ।

ସମ୍ବଲପୁର ଲୋକ ସଭା କ୍ଷେତ୍ର ଅଧୀନରେ ଆସୁଥିବା ଆଠମଲ୍ଲିକ ନିର୍ବାଚନମଣ୍ଡଳୀରେ ଏଥର ଭିନ୍ନ ଏକ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ପ୍ରଥମ ଥର ପାଇଁ ଏଠାରେ ବାବୁ ବନାମ ରାଜନେତାଙ୍କ ମଧ୍ୟରେ ସିଧାସଳଖ ଲଢ଼େଇ ଦେଖିବାକୁ ମିଳୁଛି। ଏହି ବିଧାନସଭା ଆସନ ପାଇଁ ମୋଟ୍ ୬ ପ୍ରାର୍ଥୀ ମଇଦାନରେ ଥିଲେ ମଧ ମୁଖ୍ୟତଃ ବିଜେଡି ପ୍ରାର୍ଥୀ ତଥା ପୂର୍ବତନ ପ୍ରଶାସକ ରମେଶ ଚନ୍ଦ୍ର ସାଏଙ୍କ ସହ ଭାଜପାର ଭାଗୀରଥି ପ୍ରଧାନ ଓ କଂଗ୍ରେସ ପ୍ରାର୍ଥୀ ବିଜୟାନନ୍ଦ ଚାଉଳିଆଙ୍କ ମଧ୍ୟରେ ଟକ୍କର ଚାଲିଛି। ଏହି ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତାରେ ଭାଜପା ଓ କଂଗ୍ରେସର ରାଜନେତା ବାଜିମାତ୍ କରୁଛନ୍ତି ନା ବିଜେଡିର ବାବୁ ବିଜୟୀ ହେଉଛନ୍ତି ତାହା ମେ ୨୩ ତାରିଖରେ ହିଁ ସ୍ପଷ୍ଟ ହେବ ବୋଲି ଆଠମଲ୍ଲିକରେ ଆଲୋଚନା ହେଉଛି।

ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀଙ୍କ ସହ ବିଏସ୍‌ପିର ହୃଷୀକେଶ ଲୋହା, ଏସ୍‌ୟୁସିଆଇର ରମଣୀରଞ୍ଜନ ପ୍ରଧାନ ଓ ସ୍ୱାଧୀନ ପ୍ରାର୍ଥୀ ଶରତ ଚନ୍ଦ୍ର ମହାପାତ୍ର ଏବେ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି। ହାତରେ ଆଉ ମାତ୍ର ଦିନକେଇଟା ଥିବାରୁ ସମସ୍ତେ କିପରି ୫୬ ପଞ୍ଚାୟତ ଓ ୧୧ ୱାର୍ଡର ଅଧିକରୁ ଅଧିକ ଭୋଟରଙ୍କୁ ଭେଟି ନିଜେ ଆଙ୍କିଥିବା ଆଠମଲ୍ଲିକ ବିକାଶର ଚିତ୍ର ଦେଖାଇପାରିବେ ତାହା ଉପରେ ଜୋର୍ ଦେଉଛନ୍ତି। ଦୈନିକ ୩ରୁ ୪ଟି ପଞ୍ଚାୟତ ବୁଲି ପ୍ରାର୍ଥୀମାନେ ପ୍ରଚାର ଚଳାଇଛନ୍ତି। ବିଳମ୍ବିତ ରାତି ପର୍ଯ୍ୟନ୍ତ ସଭା ସମିତି କରି ସମର୍ଥନ ଯୋଗାଡ଼ କରୁଛନ୍ତି। ଏସ୍‌ୟୁସିଆଇ ପ୍ରାର୍ଥୀ ରମଣୀରଞ୍ଜନ ପ୍ରଧାନ ଜଳସେଚନକୁ ପ୍ରମୁଖ ପ୍ରସଙ୍ଗ କରିଛନ୍ତି। ଆଠମଲ୍ଲିକରେ ଦୀର୍ଘ ୧୯ ବର୍ଷ ହେଲା ଶାସକ ଦଳର ବିଧାୟକ ଥିଲେ ବି ଚାଷୀଙ୍କ ପାଇଁ କୌଣସି ଜଳସେଚନ ବ୍ୟବସ୍ଥା ହୋଇ ନ ଥିବା କହି ସେ ଚାଷୀଙ୍କୁ ନିଜ ଆଡ଼କୁ ନେବାକୁ ଉଦ୍ୟମ କରୁଛନ୍ତି। ସେହିପରି ବିଜେଡି ପ୍ରାର୍ଥୀ ରମେଶ ଚନ୍ଦ୍ର ସାଏ ଗାଁ ଗହଳିରେ ନବୀନ ସରକାରଙ୍କ ବିକାଶ କାର୍ଯ୍ୟର ଉଦାହରଣ ରଖିବା ସହ ଆଗାମୀ ଦିନରେ ଆଠମଲ୍ଲିକକୁ ଆହୁରି ବିକଶିତ କରିବାର ପ୍ରତିଶ୍ରୁତି ଦେଇ ଭୋଟଭିକ୍ଷା କରୁଛନ୍ତି। କଂଗ୍ରେସ ପ୍ରାର୍ଥୀ ବିଜୟାନନ୍ଦ ଚାଉଳିଆ କୃଷିଋଣ ଛାଡ଼କୁ ମୁଖ୍ୟ ଆୟୁଧ କରିଛନ୍ତି। କଂଗ୍ରେସ କ୍ଷମତାକୁ ଆସିଲେ ସମସ୍ତ ଗ୍ରାମକୁ ବିଶୁଦ୍ଧ ପାନୀୟ ଜଳ, ବେକାରୀ ଭତ୍ତା ସହ ବେକାର ଯୁବତୀଯୁବକଙ୍କୁ ନିଯୁକ୍ତି ପ୍ରଦାନ କରାଯିବ ବୋଲି କହି ଭୋଟରଙ୍କ ସମର୍ଥନ ଲୋଡୁଛନ୍ତି। ଭାଜପା ପ୍ରାର୍ଥୀ ଭାଗୀରଥି ପ୍ରଧାନ ମୋଦିଙ୍କ ବିକାଶ କଥାକୁ ଲୋକଙ୍କ ସମ୍ମୁଖରେ ରଖୁଛନ୍ତି। ଏଥିସହିତ ବାଘୁଣୀ ଆଣି ସରକାର ଏଠାକାର ନିରୀହ ଲୋକଙ୍କ ଜୀବନ ନେବା ସହ ମିଥ୍ୟା ମାମଲାରେ ଗିରଫ କରିବା ଭଳି ସ୍ଥାନୀୟ ପ୍ରସଙ୍ଗ ଉଠାଇ ଲୋକଙ୍କ ସହାନୁଭୂତି ହାସଲ ପାଇଁ ଉଦ୍ୟମ କରୁଛନ୍ତି।

ତେବେ ପ୍ରାର୍ଥୀମାନେ ପ୍ରଚାର ଅଭିଯାନକୁ ଜୋରଦାର କରିଥିବା ବେଳେ ବିଜେଡିର ସ୍ଥାନୀୟ ନେତା ତଥା ବିଧାୟକ ସଞ୍ଜୀବ ସାହୁଙ୍କୁ ଦଳୀୟ ପ୍ରାର୍ଥୀ ରମେଶ ଚନ୍ଦ୍ର ସାଏଙ୍କ ସହ ଦେଖିବାକୁ ମିଳୁ ନ ଥିବା ଚର୍ଚ୍ଚାର ବିଷୟ ହୋଇଛି। ସଞ୍ଜୀବଙ୍କ ଟିକେଟ୍ କଟାଯାଇଥିବାରୁ ତାଙ୍କ ସହ ସମର୍ଥକମାନେ ରମେଶଙ୍କ ପ୍ରାର୍ଥିତ୍ୱକୁ ସହଜରେ ଗ୍ରହଣ କରିପାରୁ ନ ଥିବା ଆଲୋଚନା ହେଉଛି। ସଞ୍ଜୀବ ପ୍ରଚାରରୁ ଦୂରେଇ ରହୁଥିବାରୁ ସେ ବିଜେଡିକୁ ନା ଅନ୍ୟ ଦଳକୁ ସମର୍ଥନ କରିବେ ତାହା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି।

# ବନ୍ଧୁକ ସହ ୨ କୋଟି ଟଙ୍କା ଜବତ ଚର୍ଚ୍ଚା

ତାଳଚେର,୯।୪(ନି.ପ୍ର.)



- ଭୁବନେଶ୍ୱରରୁ ଯାଉଥିଲା କାର
- ଜଣଙ୍କୁ ଅଟକ ରଖି ତଦନ୍ତ
- ସୂଚନା ଦେଉନି ପୋଲିସ

ଅନୁଗୋଳ ଜିଲା ତାଳଚେର ଥାନା ସନ୍ଥପଡା ଗ୍ରାମ ନିକଟ ୫୩ ନମ୍ବର ଜାତୀୟ ରାଜପଥରୁ ମଙ୍ଗଳବାର ଅପରାହ୍ନରେ ପୋଲିସ ଏକ କାରରୁ ବିପୁଳ ପରିମାଣର ଟଙ୍କା ସହ ବନ୍ଧୁକ ଜବତ କରିଛି। ଜବତ ଟଙ୍କାର ପରିମାଣ ୨ କୋଟି ହେବ ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। କିନ୍ତୁ ଏ ବିଷୟରେ ପୋଲିସ କୌଣସି ସୂଚନା ଦେଉ ନ ଥିବାରୁ ପ୍ରକୃତରେ କେତେ ଅର୍ଥ ଜବତ କରାଯାଇଛି ତାହା ଜଣାପଡ଼ିନାହିଁ।

ଭୁବନେଶ୍ୱରରୁ ଏକ କାର୍ (ନଂ. ଓଡି-୧୯ଡି-୨୧୨୦)ରେ ବିପୁଳ ନଗଦ ଅର୍ଥ ଆସୁଥିବା ସମ୍ପର୍କରେ ତାଳଚେର ପୋଲିସକୁ ବିଶ୍ୱସ୍ତସୂତ୍ରରୁ ଖବର ମିଳିଥିଲା। ତେଣୁ ଗାଡ଼ିକୁ ଧରିବା ପାଇଁ ପୋଲିସ ବହ୍ଲର ଛକ ନିକଟରେ ଜଗି ରହିଥିଲା। କାର୍‌ଟି ସେଠାରେ ପହଞ୍ଚିବା ପରେ ତାହାକୁ ଅଟକାଇ ଯାଞ୍ଚ ବେଳେ ବିପୁଳ ପରିମାଣର ଟଙ୍କା ସହ ଏକ ମାଉଜର ଥିବା ପୋଲିସ ଜାଣିବାକୁ ପାଇଥିଲା। ପରେ ଗାଡ଼ି ସହ ଟଙ୍କା ଓ ବନ୍ଧୁକକୁ ଜବତ କରାଯାଇଥିଲା। ଘଟଣାରେ ୨ଜଣଙ୍କୁ ଅଟକ ରଖାଯାଇଛି। କିନ୍ତୁ ଏ ନେଇ ତାଳଚେର ପୋଲିସ କୌଣସି ସୂଚନା ଦେବାକୁ ମନା କରିଦେଇଛି। କେବଳ ତଦନ୍ତ ଚାଲିଛି ବୋଲି ଆଇଆଇସି ସୌଭାଗ୍ୟ ସ୍ୱାଇଁ ପ୍ରକାଶ କରିଛନ୍ତି। କେଉଁ କାରଣରୁ ଏବଂ କିଏ ଏପରି ବିପୁଳ ଅର୍ଥ କାର୍‌ରେ ନେଉଥିଲେ ସେ ନେଇ ସାଧାରଣରେ ନାନା ଆଲୋଚନା ହେଉଛି। ଏହା ନିର୍ବାଚନରେ ଖର୍ଚ୍ଚ ହେବାକୁ କୌଣସି ରାଜନୈତିକ ଦଳ ପକ୍ଷରୁ ନିଆଯାଉଥିଲା ବୋଲି ଲୋକେ କୁହାକୁହି ହେଉଥିଲେ ବି ମାଉଜର ଥିବାରୁ ସେମାନେ ସନ୍ଦେହରେ ପଡ଼ିଛନ୍ତି। ତେବେ ପୋଲିସ ମୁହଁ ଖୋଲିବା ପରେ ହିଁ ପ୍ରକୃତ ସ୍ଥିତି ପଦାକୁ ଆସିବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

# ପ୍ରଚାରକୁ ଓହ୍ଲାଇଲେ ରଜନୀକାନ୍ତ ସିଂ



ସମର୍ଥକଙ୍କ ସହ ପ୍ରଚାରରେ ବାହାରିଛନ୍ତି ରଜନୀକାନ୍ତ ସିଂ।

ଅନୁଗୋଳ ଅଫିସ, ୯।୪

ଅନୁଗୋଳ ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ରଜନୀକାନ୍ତ ସିଂ ମଙ୍ଗଳବାର ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି। ଗଡ଼ସନ୍ତ୍ରୀ ପଞ୍ଚାୟତରେ ଥିବା ମା' ଲୋଭୀ ଠାକୁରାଣୀଙ୍କ ଆଶୀର୍ବାଦ ନେବା ପରେ ସେ ଶତାଧିକ କର୍ମୀଙ୍କ ସହ ପ୍ରଚାର ଆରମ୍ଭ କରିଥିଲେ। ଏକ ଖୋଲା ଗାଡ଼ିରେ ଗଡ଼ସନ୍ତ୍ରୀରୁ ବାହାରି ବଉଳିଗଡ଼, ତଳମୂଳ, ତଳମୂଳ ଶାସନ, ମହୀଧରପୁର ଆଦି ଅଞ୍ଚଳରେ ପ୍ରଚାର କରିଥିବା ସୂଚନା ମିଳିଛି। ତେବେ ସରକାରୀ ଯୋଜନା ସମ୍ପର୍କରେ ଛକ ଛକରେ ଏକ ସଭା କରି ସେ ଲୋକମାନଙ୍କୁ ଅବଗତ କରିଛନ୍ତି। ବୁଧବାର ଠାରୁ ଫୁଲ ଦମ୍‌ରେ ପ୍ରଚାର ଆରମ୍ଭ ହେବ ବୋଲି ଦଳୀୟ କର୍ମୀମାନେ ସୂଚନା ଦେଇଛନ୍ତି।

### ପଞ୍ଚାୟତସ୍ତରୀୟ ବୈଠକ

ଅନୁଗୋଳ ଅଫିସ, ୯।୪

ଅନୁଗୋଳର ଏକ ଘରୋଇ ହୋଟେଲରେ ଭାଜପା ପକ୍ଷରୁ କର୍ମୀମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତସ୍ତରୀୟ ଭାଜପା ମୋର୍ଚ୍ଚାର କର୍ମକର୍ତ୍ତାମାନେ ଉକ୍ତ ବୈଠକରେ ଯୋଗ ଦେଇ ଅନୁଗୋଳରୁ ପ୍ରାର୍ଥୀ ହୋଇଥିବା ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ କିପରି ଜିତାପଟ ହେବ ସେ ନେଇ ଆଲୋଚନା କରିଥିଲେ। ଏହି ବୈଠକରେ ଢେଙ୍କାନାଳ ଲୋକ ସଭା ପ୍ରଭାରୀ ରାକେଶ ଶର୍ମା ଯୋଗଦେଇ କର୍ମୀମାନଙ୍କୁ ଉତ୍ସାହିତ କରିବା ସହ ନିର୍ବାଚନ ରଣକୌଶଳ ସମ୍ପର୍କରେ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ର ଉପସଭାପତି ବିକାଶ, ବିଧାୟକ ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ପ୍ରଧାନ, ପ୍ରଦୀପ ବିଶ୍ୱାଳ, ଯଯାତି ପଟ୍ଟନାୟକ ପ୍ରମୁଖଙ୍କ ସହ ଶତାଧିକ ଭାଜପା କର୍ମୀ ଉପସ୍ଥିତ ଥିଲେ।

# ପ୍ରାର୍ଥୀଙ୍କୁ ଆଚରଣ ବିଧି, ଖର୍ଚ୍ଚ ସୂଚନା



ବୈଠକରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

ଆଠମଲ୍ଲିକ,୯।୪(ଡି.ଏନ.ଏ.)

ଆଠମଲ୍ଲିକ ବିଧାନସଭା ନିର୍ବାଚନମଣ୍ଡଳୀର ରିଟର୍ନିଂ ଅଫିସର ସୁବାସ ଚନ୍ଦ୍ର ରାୟଙ୍କ ଅଧ୍ୟକ୍ଷତାରେ ପ୍ରାର୍ଥୀ ତଥା ପ୍ରାର୍ଥୀଙ୍କ ଦ୍ୱାରା ନିୟୋଜିତ ଏଜେଣ୍ଟମାନଙ୍କୁ ଆଦର୍ଶ ଆଚରଣ ବିଧି ଏବଂ ଇଭିଏମ୍ ଭିଭିପିଏଟିର ବ୍ୟବହାର ସଂକ୍ରାନ୍ତରେ ସମ୍ୟକ ସୂଚନା ପ୍ରଦାନ କରାଯାଇଛି। ଏଥିସହିତ ପ୍ରଥମ ପର୍ଯ୍ୟାୟ ଚେକ୍ ଏବଂ ରାଣ୍ଡୋମାଇଜେଶନ୍ ଓ ମୋକପୋଲ୍ ସମ୍ପର୍କରେ ମଧ କୁହାଯାଇଛି।

ଚଳିତ ନିର୍ବାଚନରେ ଆଠମଲ୍ଲିକରେ ଭାରତୀୟ ଜାତୀୟ କଂଗ୍ରେସ, ଭାରତୀୟ ଜନତା ପାର୍ଟି, ବହୁ ଜନ ସମାଜ ପାର୍ଟି, ବିଜୁ ଜନତା ଦଳ, ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଏବଂ ସ୍ୱାଧୀନ ପ୍ରାର୍ଥୀ ଅଛନ୍ତି। ତେଣୁ ଆଦର୍ଶ ଆଚରଣ ବିଧିକୁ କଡାକଡି ଭାବେ ପାଳନ କରିବା ପାଇଁ ଏହି ବୈଠକରେ ରିଟର୍ନିଂ ଅଫିସର ପରାମର୍ଶ ଦେବା ସହିତ ଭୋଟ୍ ଗ୍ରହଣର ୪୮ ଘଣ୍ଟା ପୂର୍ବରୁ ପ୍ରଚାର କାର୍ଯ୍ୟ ବନ୍ଦ କରାଯିବ ବୋଲି ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶନାମା ସମ୍ପର୍କରେ ଅବଗତ କରିଥିଲେ। ସେହିପରି ଜଣେ ପ୍ରାର୍ଥୀ ସର୍ବାଧିକ ୨୮ ଲକ୍ଷ ଟଙ୍କା ଖର୍ଚ୍ଚ କରି ପାରିବେ ବୋଲି ମଧ ସୂଚନା ଦେଇଥିଲେ। ଏହି ବୈଠକରେ ସହକାରୀ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଡ. ଚିତ୍ତରଞ୍ଜନ ନାୟକ ଯୋଗଦେଇ ପ୍ରାର୍ଥୀଙ୍କ ନିର୍ବାଚନ ଖର୍ଚ୍ଚ ସଂକ୍ରାନ୍ତୀୟ ବିଭିନ୍ନ ରେଜିଷ୍ଟରରେ ହିସାବ ରଖିବା ଏବଂ ନିର୍ବାଚନ କମିଶନଙ୍କ ନିୟମ ସମୂହ ଉପରେ ଅବଗତ କରିଥିଲେ। ଏକାଉଣ୍ଟିଂ ଟିମ୍ ମୁଖ୍ୟ ଏଲ୍.ଏନ୍.ଏସ୍. ରାଜିନ୍ଦ୍ର ଯୋଗଦେଇ ନିର୍ବାଚନ ଖର୍ଚ୍ଚ ସଂକ୍ରାନ୍ତୀୟ ବିଧି ବ୍ୟବସ୍ଥା, ଦୈନନ୍ଦିନ ଖର୍ଚ୍ଚ ରଖିବାର ପ୍ରଣାଳୀ ସମ୍ପର୍କରେ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ।

# ଅନୁଗୋଳ, କଣିହାଁରେ କାଳବୈଶାଖୀ

ଅନୁଗୋଳ ଅଫିସ, ୯।୪

ଅନୁଗୋଳ ସହରରେ ମଙ୍ଗଳବାର ରାତିରେ କାଳବୈଶାଖୀ ଯୋଗୁ ଅଧ ଘଣ୍ଟା ଧରି ଜୋରଦାର ବର୍ଷା, ପବନ ହୋଇଥିଲା। ଏଥିରେ କାହାର କିଛି କ୍ଷତି ହୋଇଥିବା ସମ୍ପର୍କରେ ଜଣାପଡ଼ି ନ ଥିଲେ ମଧ ସହର ବଜାର ଶୂନଶାନ ହୋଇଯାଇଥିବା ଦେଖିବାକୁ ମିଳିଥିଲା। ପବନରେ କେତେକ ଗଛର ଡାଳ ଭାଙ୍ଗି ପଡ଼ିଥିବା ବେଳେ ବିଦ୍ୟୁତ୍ ସରବରାହ ୨ ଘଣ୍ଟା ଧରି ବନ୍ଦ ହୋଇଯାଇଥିଲା। ଏପରି କି କିଛି ଅଞ୍ଚଳରେ ଭୋଟ ପ୍ରଚାର କାର୍ଯ୍ୟ କରୁଥିବା ନେତାମାନଙ୍କୁ ମଧ ଏହା ଅସୁବିଧାରେ ପକାଇଥିଲା। ସେହିପରି କଣିହାଁ ବ୍ଲକ ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ ଝଡ଼ ବର୍ଷା ସାଙ୍ଗକୁ କୁଆପଥର ମାଡ଼ ହୋଇଛି। ଏଥିରେ ଅନେକ ଲୋକଙ୍କ ଆଜବେଷ୍ଟସ, ଟାଇଲ ଛପର କ୍ଷତିଗ୍ରସ୍ତ ହୋଇଥିବାବେଳେ ଚାଷୀଙ୍କ ଫସଲ ନଷ୍ଟ ହୋଇଛି। ସେହିପରି ଏନ୍‌ଟିପିସି ପାଉଁଶ ପୋଖରୀ ଓ କଣିହାଁ କୋଇଲା ଖଣିରୁ ପାଉଁଶ, କୋଇଲା ଗୁଣ୍ଡ ଉଡ଼ିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ପାଉଁଶ ପ୍ରଦୂଷଣ ଯୋଗୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଥିବା ସାମାଜିକ କର୍ମୀ ତଥା ଆଇନଜୀବୀ ବ୍ଲକ ଉପାଧ୍ୟକ୍ଷ ତ୍ରିପୁରାରୀ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଭଗବାନ ଦାସ କହିଛନ୍ତି। ସେହିପରି ଛେଣ୍ଡିପଦା ବ୍ଲକର ବିଭିନ୍ନ ସ୍ଥାନରେ ସୋମବାର ରାତିରେ କାଳବୈଶାଖୀ ଯୋଗୁ ବାଗଡିଆ, ଟାଙ୍ଗିରୀ, ପାଟକୁମୁଣ୍ଡା, ବରସାହି, ମାଛକୁଟା, ଶିମିଳିପାଳ, ବସନ୍ତପୁର, ବ୍ରାହ୍ମଣବିଲ, ବରପଦା ପଞ୍ଚାୟତଗୁଡିକରେ ବହୁ ଘରର ଆଜବେଷ୍ଟସ ଭାଙ୍ଗିଯିବା ସହ କାଜୁ, ଆମ୍ବ, ତରଭୁଜ, କାକୁଡି, ବୋଇତକଖାରୁ ସମେତ ଅନ୍ୟ ଫସଲ ନଷ୍ଟ ହୋଇଥିବା ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ଛେଣ୍ଡିପଦା ତହସିଲଦାର ଡାନିଏଲ ଏକ୍କା ଛେଣ୍ଡିପଦାର ସମସ୍ତ ରାଜସ୍ୱ ନୀରିକ୍ଷକଙ୍କୁ କ୍ଷୟକ୍ଷତି ଆକଳନର ସରଜମିନ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ରାଜସ୍ୱ ନିରୀକ୍ଷକମାନେ କ୍ଷୟକ୍ଷତି ହୋଇଥିବା ରାଜସ୍ୱ ଗ୍ରାମଗୁଡିକୁ ଯାଇ କ୍ଷତିଗ୍ରସ୍ତଙ୍କ ସହ ଆଲୋଚନା କରିବା ସହ କ୍ଷୟକ୍ଷତି ହୋଇଥିବା ଘର ଗୁଡିକୁ ବୁଲି ଦେଖିବେ। ୩ଦିନ ମଧ୍ୟରେ ଏହାର ରିପୋର୍ଟ ତହସିଲଦାରଙ୍କୁ ପ୍ରଦାନ କରାଯିବ। ରିପୋର୍ଟ ଆସିବା ପରେ ଜିଲା ପ୍ରଶାସନ ସହ ଆଲୋଚନା କରାଯାଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ତହସିଲଦାର ପ୍ରକାଶ କରିଛନ୍ତି।

## ପାଲଲହଡ଼ା ପଲିଟିକ୍ସ

# ପଦ୍ମ ଧରିଲେ ରବି ପାଣି

ପାଲଲହଡା,୯।୪(ଡି.ଏନ.ଏ.)



ଭାଜପା ଭୁବନେଶ୍ୱର କାର୍ଯ୍ୟାଳୟରେ କେନ୍ଦ୍ରମନ୍ତ୍ରୀଙ୍କ ଧର୍ମେନ୍ଦ୍ର ପ୍ରଧାନ ରବି ପାଣିଙ୍କୁ ସ୍ୱାଗତ କରୁଛନ୍ତି।

- ୧୦ ବର୍ଷ ହେଲା ବିଜେଡି ନିର୍ଯାତନା ଦେଉଥିଲା
- ପାଲଲହଡ଼ା ଭାଜପା ଶକ୍ତିଶାଳୀ ହେବ- ଅଶୋକ ମହାନ୍ତି
- ଦଳ ଉପରେ କିଛି ପ୍ରଭାବ ପଡ଼ିବ ନାହିଁ- ମୁକେଶ ପାଲ

ଘଡ଼ିକେ ଘୋଡ଼ା ଛୁଟୁଥିବା ପାଲଲହଡ଼ା ରାଜନୀତିରେ ମଙ୍ଗଳବାର ପୁଣି ଏକ ପରିବର୍ତ୍ତନ ଚର୍ଚ୍ଚାର ବିଷୟ ହୋଇଛି। ଦୁଇ ଦିନ ତଳେ ବିଜେଡି ଛାଡିଥିବା ଅନୁଗୋଳ ଜିଲାର ବରିଷ୍ଠ ନେତା ତଥା ପାଲଲହଡାର ପୂର୍ବତନ ବିଧାୟକ ରବି ନାରାୟଣ ପାଣି ଭାଜପାରେ ଯୋଗ ଦେଇଛନ୍ତି। ଭୁବନେଶ୍ୱରସ୍ଥିତ ରାଜ୍ୟ ଭାଜପା କାର୍ଯ୍ୟାଳୟରେ ପାଲଲହଡା, କଣିହାଁ ଏବଂ ତାଳଚେର ଅଞ୍ଚଳରେ ଥିବା ନିଜ ଶତାଧିକ ସମର୍ଥକଙ୍କ ସହ ସେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ଭାଜପାରେ ସାମିଲ ହୋଇଛନ୍ତି। ରବି ପାଣିଙ୍କ ଏହି ମିଶ୍ରଣ ପାଲଲହଡ଼ା ଭାଜପାକୁ ସମୃଦ୍ଧ କରିବା ସହ ବିଜେଡିକୁ ବ୍ୟାକଫୁଟ୍‌କୁ ଠେଲିଦେବ ବୋଲି ସାଧାରଣରେ ଆଲୋଚନା ହେଉଛି।

ପାଲଲହଡା ବ୍ଲକର ପୂର୍ବତନ ଅଧ୍ୟକ୍ଷା କ୍ଷୀରୋଦ୍ରି ବେହେରାଙ୍କ ନେତୃତ୍ୱରେ ଇଞ୍ଜିଡି ପଞ୍ଚାୟତ ବିଜେଡି ସଭାପତି ଆଦିତ୍ୟ ସାହୁ, ମୁଣ୍ଡୁରୀବେଡ଼ାର ପୂର୍ବତନ ସରପଞ୍ଚ ବଳଭଦ୍ର ବେହେରା, ଖମାର ସମିତିସଭ୍ୟା ଶକୁନ୍ତଳା ସାହୁ, ବାଡିସୁଆଁ ନାଏବ ସରପଞ୍ଚ ନିଗମାନନ୍ଦ ସାହୁଙ୍କ ସମେତ ୨୭ଟି ପଞ୍ଚାୟତରୁ ପ୍ରାୟ ଶହେରୁ ଅଧିକ କର୍ମୀ ଏବଂ ନେତା ଭାଜପାରେ ଯୋଗ ଦେଇଥିବା ଜଣାପଡିଛି। ଏ ସମ୍ପର୍କରେ ରବି ନାରାୟଣ ପାଣି କହିଛନ୍ତି, ଦଶବର୍ଷ ହେବ ବିଜେଡିରେ ମାନସିକ ଯନ୍ତ୍ରଣା ଦିଆଯାଉଥିଲା। ତେଣୁ ଦୂରେଇ ଯିବାକୁ ଉଚିତ ମନେକଲି । ଏବେ ପାଲଲହଡା ଏବଂ ତାଳଚେର ନିର୍ବାଚନମଣ୍ଡଳୀରେ ବୁଲି ଭାଜପା ସପକ୍ଷରେ ପ୍ରଚାର କରିବି ବୋଲି ପାଣି ପ୍ରକାଶ କରିଛନ୍ତି। ସେହିପରି ଭାଜପାର ପାଲଲହଡ଼ା ବିଧାୟକ ପ୍ରାର୍ଥୀ ଅଶୋକ ମହାନ୍ତି କହିଛନ୍ତି, ରବି ପାଣିଙ୍କ ଯୋଗଦାନ ପାଲଲହଡା ଭାଜପାକୁ ଆହୁରି ଶକ୍ତିଶାଳୀ କରିବା ସହ ତାଙ୍କ ଅଭିଜ୍ଞତା ନିର୍ବାଚନରେ ସାହାଯ୍ୟ କରିବ। ତେବେ ବିଜେଡି ପ୍ରାର୍ଥୀ ମୁକେଶ ପାଲ କହିଛନ୍ତି, ରବି ପାଣି ଦୀର୍ଘବର୍ଷରୁ ପାଲଲହଡା ରାଜନୀତି ଏବଂ ଅଞ୍ଚଳବାସୀଙ୍କ ସୁଖଦୁଃଖରେ ନ ଥିଲେ। ତେଣୁ ଦଳରେ ରହିଲେ କି ନ ରହିଲେ ତାହାର କୌଣସି ପ୍ରଭାବ ବିଜେଡି ଉପରେ ପଡ଼ିବ ନାହିଁ।

**ଧରିତ୍ରୀର ଢେଙ୍କାନାଳ ସଂସ୍କରଣ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, ଓଡାପଡା-୯୪୩୭୦୯୩୮୨୨, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ- ୭୮୯୪୪୬୨୯୧୨, ବଁଅରପାଳ- ୭୮୯୪୪୬୨୯୧୬, ବନ୍ତଳା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

